# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୧.୧୧.୨୦୨୨ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ଶ୍ରୀଧର ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ କବିତା ସ୍ୱାଇଁ,
୩. ଶ୍ରୀମତୀ ପିଙ୍କି ସ୍ୱାଇଁ,
୪. ଶ୍ରୀ ବିପ୍ଳବ ବେହେରା,
୪. ଶ୍ରୀମତୀ ନମିତା ମହାପାତ୍ର,
୬. ଶ୍ରୀ ସୁକୁମାର ସାହୁ

ଅଦ୍ୟ ତା ୨୧.୧୧.୨୦୨୨ ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ପ୍ଲାନିଂ ଆଣ୍ଡ୍ ଡ଼େଭେଲପ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଶ୍ରୀଧର ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମର ଯୋଜନା ଉପବିଭାଗରେ ଅମିନ ଅଭାବ ଥିବାରୁ ଠିକ୍ ସମୟରେ କ୍ଷେତ୍ର ପରିଦର୍ଶନ ରିପୋର୍ଟ ପ୍ରସ୍ତୁତ ହୋଇପାରୁନାହିଁ, ଫଳରେ ପ୍ଲାନ୍ ଅନୁମୋଦନ ପାଇଁ ଦରଖାସ୍ତ ଗୁଡ଼ିକ ପଡ଼ି ରହୁଅଛି ବୋଲି ବୈଠକରେ ଉପସ୍ଥିତ ନଗର ଯୋଜନାକାରୀ କହିଥିଲେ । ଏହା ଉପରେ ଆଲୋଚନା କରାଗଲା । ଯୋଜନା ଉପବିଭାଗକୁ ଆଉ ୩ (ତିନି) ଜଣ ଅମିନ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଗୃହ ନିର୍ମାଣ ପାଇଁ ପ୍ଲାନ୍ ଅନୁମୋଦନ ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କ ପତ୍ରସଂଖ୍ୟା-୧୬୮୧ ତା ୧୯.୦୧.୨୦୧୫ ରିଖରେ ଉନ୍ନୟନ ଅଧିକାରୀଙ୍କ ଠାରୁ ଅର୍ବାନ୍ ଲୋକାଲ୍ ବଡ଼ିକୁ କ୍ଷମତା ଅର୍ପଣ କରିଛନ୍ତି କିନ୍ତୁ ଭୁବନେଶ୍ୱର ଉନ୍ନୟନ କର୍ତୃପକ୍ଷ କେତେକ ଗୃହର ପ୍ଲାନ୍ ଆଜି ପର୍ଯ୍ୟନ୍ତ ଅନୁମୋଦନ କରୁଥିବାର କମିଟିଙ୍କ ଦୃଷ୍ଟିକୁ ଆସିଅଛି, ଫଳରେ, Sanction fee ଏବଂ Scrutiny fee ବାବଦକୁ ପାଇବାକୁ ଥିବା ଅର୍ଥ ନିଗମ କ୍ଷତି ସହୁଅଛି । ତେଣୁ ଭୁବନେଶ୍ୱର ଉନ୍ନୟନ କର୍ତୃପକ୍ଷଙ୍କ ନିକଟରେ ଯେତେଗୁଡ଼ିଏ ପ୍ଲାନ୍ ଅନୁମୋଦନ ଆବେଦନ ପତ୍ର ପଡ଼ି ରହିଅଛି, ସେଗୁଡ଼ିକୁ ଭୁବନେଶ୍ୱର ମହାନଗର ନିଗମକୁ ହସ୍ତାନ୍ତର କରିବା ପାଇଁ ଏବଂ ତା ୧୯.୦୧.୨୦୧୫ ରିଖ ପରେ ଭୁବନେଶ୍ୱର ଉନ୍ନୟନ କର୍ତୃପକ୍ଷ ଯେତେ ଗୁଡ଼ିଏ ପ୍ଲାନ୍ ଅନୁମୋଦନ କରିଛନ୍ତି ତାହାର ଅନୁମୋଦନ ଅର୍ଥ (Sanction fee) ଭୁବନେଶ୍ୱର ମହାନଗର ନିଗମକୁ ଫେରସ୍ତ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତୃପକ୍ଷଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ଶ୍ରୀଧର ଜେନା
ସଭାପତି
ତା ୨୧.୧୧.୨୦୨୨ ରିଖ